Adda247 ଓଡ଼ିଆ

**DO NOT OPEN THE SEAL OF THE QUESTION BOOKLET UNTIL YOU ARE ASKED TO DO SO**

Question Booklet Series Code : A    Question Book Serial No : 208897

**Time Allowed : 02.00 hours**    **RI-2021**    **Maximum Marks : 200**

ନିର୍ଦ୍ଧାରିତ ସମୟ : **02.00** ଘଣ୍ଟା    PAPER-I    ସର୍ବାଧିକ ମାର୍କ: **200**

Read the following instructions carefully before you begin to answer the questions.

**Before answering any question, check the Booklet and ensure that it contains** 24 **pages and no page is missing, mutilated or repeated. In case of any such defect, get it replaced immediately.**

This Booklet contains 100 objective type questions with multiple choice answers in two Parts.

Each question carries **two marks.**

**There shall be negative marking @0.5 mark per question for wrong/multiple answers.**

**Part-A** contains 50 questions on General Awareness.

**Part–B** contains 50 questions on Mathematics.

All 100 questions are available in both English and Odia version. In the case of discrepancy in meaning, the English version will prevail.

**All questions are compulsory**.

ପ୍ରଶ୍ନଗୁଡ଼ିକର ଉତ୍ତର କରିବାପୂର୍ବରୁ ନିମ୍ନ ପ୍ରଦତ୍ତ ନିର୍ଦ୍ଦେଶାବଳୀ ଯତ୍ନସହକାରେ ପଢନ୍ତୁ।

**କୌଣସି ପ୍ରଶ୍ନର ଉତ୍ତରଦେବା ପୂର୍ବରୁ ପୁସ୍ତିକାଟିକୁ ତନଖି ଦେଖନ୍ତୁ କି ଏଥିରେ** 24 **ପୃଷ୍ଠା ଅଛି ଓ କୌଣସି ପୃଷ୍ଠା ନଷ୍ଟ, ପୁନରାବୃତ୍ତି କିମ୍ବା ଛାଡି ହୋଇନାହିଁ। କୌଣସି ତ୍ରୁଟିଥିଲେ ତାହାକୁ ତୁରନ୍ତ ବଦଳ କରାଇନିଅନ୍ତୁ।**

ଏହି ପୁସ୍ତିକାରେ ଦୁଇଗୋଟି ଭାଗରେ 100ଟି ବିବିଧ ଉତ୍ତର ଯୁକ୍ତ ସଂକ୍ଷିପ୍ତ ପ୍ରଶ୍ନ ରହିଛି । ପ୍ରତ୍ୟେକ ପ୍ରଶ୍ନର ସଠିକ ଉତ୍ତର ପାଇଁ ଦୁଇ ମାର୍କ ରହିଛି।

**ଭୁଲ ଉତ୍ତର କିମ୍ବା ଏକାଧିକ ଉତ୍ତର ପାଇଁ ପ୍ରଶ୍ନ ପିଛା 0.5 ମାର୍କ ଲେଖାଏଁ ବିୟୋଗ କରାଯିବ ।**

ପ୍ରଥମ ଭାଗ(**Part-A**) ରେ ସାଧାରଣ ଜ୍ଞାନରେ 50 ଗୋଟି ପ୍ରଶ୍ନ ରହିଛି ।

ଦ୍ୱିତୀୟ ଭାଗ (**Part-B**) ରେ ଗଣିତରେ 50 ଗୋଟି ପ୍ରଶ୍ନ ରହିଛି ।

ସମସ୍ତ 100 ଟି ପ୍ରଶ୍ନ ଉଭୟ ଇଂରାଜୀ ଏବଂ ଓଡିଆ ଭାଷାରେ ଉପଲବ୍ଧ । ଅର୍ଥ ବୋଧରେ କିଛି ତାରତମ୍ୟ ଥିଲେ ଇଂରାଜୀ ଭାଷା ବଳବତ୍ତର ରହିବ ।

ସମସ୍ତ ପ୍ରଶ୍ନ ବାଧ୍ୟତାମୂଳକ ।

## INSTRUCTIONS FOR CANDIDATES

1. The Invigilator shall supply you the blank Two Part carbonless OMR Answer Sheet separately. Enter your Roll Number, Question Booklet Serial Number and Question Booklet Series Code and darken the corresponding circle/oval provided on the Answer Sheet at the appropriate space carefully by using only black/blue ball point pen. You must write the name, date and centre of examination and put your full signature in the appropriate space provided therein before answering any question.
2. A machine will read the coded information furnished by you in the OMR Answer Sheet. If the information so furnished by you are incomplete or different from what you have given in the application form, you shall be awarded Zero mark.
3. Answer must be given by completely blackening one of the four circles/ovals representing the most appropriate answer given on the Answer Sheet corresponding to the relevant question by using only Black/Blue ball point pen. Answers not shown by properly darkening in black/blue ball point pen, no marks shall be awarded.
4. No Rough work should be done on the OMR Answer Sheet. Space for rough work has been provided in the Question Booklet itself.
5. Correcting fluid, eraser, blade, books, textual material, scripts, notes/loose paper, calculator, docupen, slide rules, log tables, electronic watches, smart watch, cell phone, pager, other electrical/electronic devices etc. are not allowed inside the examination hall. In case the candidate is found to be in possession of any of the above, he/she shall be expelled from the examination without any enquiry as to whether the same was/were used by the candidate or not.
6. These instructions must be complied with fully, failing which your Answer Sheet shall not be evaluated and Zero marks will be awarded.
7. After the examination is over, candidates must ensure to fold the OMR Answer Sheet at the perforation and separate the Original Copy and Candidate's Copy of the Two Part OMR Answer Sheet in the presence of the Invigilator and handover the **Original Copy** to the Invigilator. The **Candidate's Copy** of the OMR Answer sheet may be taken by the candidate. Failure to hand over the original copy of the OMR Answer Sheet to the Invigilator before leaving the examination hall/room shall make the candidate liable for penal action.
8. Failure to comply with any of the above instructions shall be considered as adopting unfair means and action as deemed proper shall be taken.

## ପ୍ରାର୍ଥୀମାନଙ୍କ ପାଇଁ ନିର୍ଦ୍ଦେଶାବଳୀ

୧. ନିରୀକ୍ଷକ ଆପଣଙ୍କୁ ପୃଥକଭାବେ ଓଏମ୍ଆର୍ ଉତ୍ତରଫର୍ଦ୍ଦ (Two Part carbonless OMR Answer Sheet) ଦେବେ । ଉତ୍ତରଫର୍ଦ୍ଦର ଯଥା ସ୍ଥାନରେ ଆପଣଙ୍କ ରୋଲନମ୍ବର, ପ୍ରଶ୍ନପୁସ୍ତିକା କ୍ରମିକନମ୍ବର ଏବଂ ପ୍ରଶ୍ନପୁସ୍ତିକା ସିରିଜ କୋଡ୍ ଉଲ୍ଲେଖ କରନ୍ତୁ ଏବଂ ତା ପାଇଁ ଉଦ୍ଦିଷ୍ଟ ବୃତ୍ତ / ଅଣ୍ଡାକୃତିକୁ କେବଳ କଳା / ନୀଳ କାଳିର ବଲପଏଣ୍ଟ କଲମ ଦ୍ୱାରା କାଳି କରନ୍ତୁ । ସେଠାରେ ପ୍ରଦତ୍ତ ନିର୍ଦ୍ଦିଷ୍ଟ ସ୍ଥାନରେ ପରୀକ୍ଷାର ନାମ, ତାରିଖ ଓ ପରୀକ୍ଷା କେନ୍ଦ୍ରର ନାମ ନିଶ୍ଚିତ ଭାବେ ଲେଖନ୍ତୁ ଏବଂ କୌଣସି ପ୍ରଶ୍ନର ଉତ୍ତରଦେବା ଆଗରୁ ଯଥାସ୍ଥାନରେ ଆପଣଙ୍କ ପୁରା ଦସ୍ତଖତ କରନ୍ତୁ ।

୨. ଓଏମ୍ଆର୍ ଉତ୍ତରଫର୍ଦ୍ଦରେ ଆପଣ ଉଲ୍ଲେଖ କରିଥିବା ସାଙ୍କେତିକ ତଥ୍ୟକୁ ଗୋଟିଏ ଯନ୍ତ୍ର ପଢିବ । ତେଣୁ ଆପଣଙ୍କର ଏହି ପ୍ରଦତ୍ତ ତଥ୍ୟ ଯଦି ଦରଖାସ୍ତ ଫର୍ମରେ ଦିଆଯାଇଥିବା ତଥ୍ୟଠାରୁ ପୃଥକ କିମ୍ବା ଅସମ୍ପୂର୍ଣ୍ଣ ହୁଏ, ଆପଣଙ୍କୁ ଶୂନ୍ୟ ମାର୍କ ପ୍ରଦାନ କରାଯିବ ।

୩. ଉତ୍ତରଫର୍ଦ୍ଦରେ ଥିବା ସମ୍ପୃକ୍ତ ପ୍ରଶ୍ନର ସଠିକ୍ ଉତ୍ତର ପାଇଁ ଉଦ୍ଦିଷ୍ଟ ବୃତ୍ତ / ଅଣ୍ଡାକୃତିକୁ କେବଳ କଳା / ନୀଳ କାଳିର ବଲପଏଣ୍ଟ କଲମ ଦ୍ୱାରା କାଳିକରି ଉତ୍ତର ଦିଅନ୍ତୁ । କଳା / ନୀଳବଲ ପଏଣ୍ଟ କଲମ ଦ୍ୱାରା ସଠିକ୍ ଭାବେ କାଳି କରାଯାଇନଥିବା ଉତ୍ତର ପାଇଁ କୌଣସି ମାର୍କ ଦିଆଯିବ ନାହିଁ ।

୪. ଓଏମ୍ଆର୍ ଉତ୍ତରଫର୍ଦ୍ଦରେ ରଫ୍ କାମ କରନ୍ତୁ ନାହିଁ । ପ୍ରଶ୍ନପୁସ୍ତିକାରେ ରଫ୍ କାମପାଇଁ ଖାଲିଜାଗା ଦିଆଯାଇଅଛି ।

୫. କୌଣସି ଧଉଳାଇବା ରଙ୍ଗ, ରବର, ବ୍ଲେଡ୍, ବହି, ଛାପା / ହାତଲେଖାକାଗଜ, କାଲକୁଲେଟର, ଡକୁପେନ, ସ୍ଲାଇଡ ରୁଲ, ଲଗ ଟେବୁଲ, ଇଲେକଟ୍ରୋନିକ ଘଣ୍ଟା, ସ୍ମାର୍ଟ ଘଣ୍ଟା,ମୋବାଇଲ ଫୋନ, ପେଜର, ଅନ୍ୟ ବୈଦ୍ୟୁତିକ/ଇଲେକଟ୍ରୋନିକ ଉପକରଣାଦିକୁ ଆପଣ ପରୀକ୍ଷା ହଲ / କୋଠରୀ ଭିତରକୁ ନେଇ ପାରିବେ ନାହିଁ । ଯଦି ଉପରୋକ୍ତ କୌଣସି ଉପକରଣ ଆପଣଙ୍କ ପାଖରୁ ଉଦ୍ଧାର କରାଯାଏ, ବ୍ୟବହାର କରିଥାନ୍ତୁ ବା ନ କରିଥାନ୍ତୁ, ବିନା ତଦନ୍ତରେ ଆପଣଙ୍କୁ ତୁରନ୍ତ ପରୀକ୍ଷାରୁ ବାସନ୍ଦ କରାଯିବ ।

୬. ଏହି ନିର୍ଦ୍ଦେଶାବଳୀକୁ ସଂପୂର୍ଣ୍ଣଭାବେ ନିଶ୍ଚିତ ପାଳନକରନ୍ତୁ, ଅନ୍ୟଥା ଆପଣଙ୍କ ଉତ୍ତରପତ୍ରର ମୂଲ୍ୟାୟନ କରାଯିବ ନାହିଁ ଏବଂ ଶୂନ୍ୟ ମାର୍କ ପ୍ରଦାନ କରାଯିବ ।

୭. ପରୀକ୍ଷା ସରିବା ପରେ ପରୀକ୍ଷା ହଲ ଛାଡିବା ପୂର୍ବରୁ ଆପଣଙ୍କ Two Part carbonless OMR Answer Sheet ଉତ୍ତରଫର୍ଦ୍ଦର Original Copy ଓ Candidate's Copy ନିରୀକ୍ଷକଙ୍କ ଉପସ୍ଥିତିରେ ଚିହ୍ନ ଥିବା ସ୍ଥାନରେ ସଠିକ ଭାବେ ଭାଙ୍ଗ କରି ଚିରି ପୃଥକ କରନ୍ତୁ ଓ Original Copyଟିକୁ ନିରୀକ୍ଷକଙ୍କୁ ହସ୍ତାନ୍ତର କରନ୍ତୁ । ଅନ୍ୟଥା ପରୀକ୍ଷାର୍ଥୀ ଆଇନାନୁଯାୟୀ ଦଣ୍ଡନୀୟ ହେବେ । ଓଏମ୍ଆର୍ ଉତ୍ତରଫର୍ଦ୍ଦର ପ୍ରାର୍ଥୀଙ୍କ ପାଇଁ ଉଦ୍ଦିଷ୍ଟଥିବା କପିଟିକୁ (Candidate's Copy) ପରୀକ୍ଷାର୍ଥୀ ନେଇଯିବେ ।

୮. ଉପରୋକ୍ତ ନିର୍ଦ୍ଦେଶାବଳୀରୁ କୌଣସି ନିର୍ଦ୍ଦେଶର ଅନୁପାଳନରେ ଖିଲାପକଲେ ଏହାକୁ ଅସତ ଉପାୟ ଅବଲମ୍ବନ କରିଛନ୍ତି ବୋଲି ବିବେଚନା କରାଯିବ ଏବଂ ପରୀକ୍ଷାର୍ଥୀଙ୍କ ବିରୁଦ୍ଧରେ ଯଥୋଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

**DO NOT OPEN THE SEAL OF THE QUESTION BOOKLET UNTIL YOU ARE ASKED TO DO SO**

SEAL

## Space for Rough Work

Adda247 ଓଡ଼ିଆ

## PAPER-I

## PART-A

## GENERAL AWARENESS : 100 Marks

*Instructions : Each question under this section carries TWO marks. Please read the questions carefully and answer them by selecting the most appropriate answer out of the multiple answers given below each as A, B, C and D.*

***There shall be negative marking @ 0.5 mark per question for wrong/multiple answers.***

**1.** Atmospheric humidity is measured by?

(A) Barometer | (B) Anemometer
(C) Lysimeter | (D) Hygrometer

ବାୟୁମଣ୍ଡଳର ଆର୍ଦ୍ରତା କେଉଁ ଯନ୍ତ୍ର ଦ୍ୱାରା ମାପ କରାଯାଏ ?

(A) ବାରୋମିଟର | (B) ଆନିମୋମିଟର
(C) ଲାଇସିମିଟର | (D) ହାଇଗ୍ରୋମିଟର

**2.** What type of rock is coal?

(A) Igneous rock | (B) Metamorphic rock
(C) Sedimentary rock | (D) None of these

କୋଇଲା କେଉଁ ପ୍ରକାରର ଶିଳା ଅଟେ ?

(A) ଆଗ୍ନେୟ ଶିଳା | (B) ରୂପାନ୍ତରିତ ଶିଳା
(C) ଅବକ୍ଷିପ୍ତ ଶିଳା | (D) କେଉଁଟି ନୁହେଁ

**3.** The instrument used for recording earthquake waves is?

(A) Barograph | (B) Hydrograph
(C) Pantograph | (D) Seismograph

ଭୂମିକଂପ ତରଙ୍ଗ ମାପ ପାଇଁ ବ୍ୟବହାର କରାଯାଉଥିବା ଯନ୍ତ୍ରଟି କ'ଣ ?

(A) ବାରୋଗ୍ରାଫ୍ | (B) ହାଇଡ୍ରୋଗ୍ରାଫ୍
(C) ପାଣ୍ଟୋଗ୍ରାଫ୍ | (D) ସିସ୍ମୋ ଗ୍ରାଫ୍

**4.** Which one of the following pairs of Seas/Oceans does the Suez canal connect?

(A) Indian Ocean – Pacific Ocean | (B) Mediterranean Sea – Black Sea
(C) Mediterranean Sea – Red Sea | (D) Atlantic Ocean – Pacific Ocean

ନିମ୍ନଲିଖିତ ମଧ୍ୟରୁ ସୁଏଜ୍ କେନାଲ୍ କେଉଁ ଦୁଇଟି ସାଗର/ମହାସାଗରକୁ ସଂଯୋଗ କରେ ?

(A) ଭାରତ ମହାସାଗର - ପ୍ରଶାନ୍ତ ମହାସାଗର | (B) ଭୂମଧ୍ୟ ସାଗର - କୃଷ୍ଣ ସାଗର
(C) ଭୂମଧ୍ୟ ସାଗର - ଲୋହିତ ସାଗର | (D) ଆଟ୍ଲାଣ୍ଟିକ୍ ମହାସାଗର - ପ୍ରଶାନ୍ତ ମହାସାଗର

5. How many numbers of States share their border with Odisha?

(A) 2
(B) 3
(C) 4
(D) 5

କେତୋଟି ରାଜ୍ୟ ଓଡ଼ିଶାର ସୀମାକୁ ଲାଗି ଅଛନ୍ତି ?

(A) ୨
(B) ୩
(C) ୪
(D) ୫

6. Which type of climate does Odisha enjoy?

(A) Tropical
(B) Temperate
(C) Equtorial
(D) Tundra

ଓଡ଼ିଶାରେ କେଉଁ ପ୍ରକାରର ଜଳବାୟୁ ଅନୁଭୂତ ହୁଏ ?

(A) କ୍ରାନ୍ତୀୟ
(B) ନାତିଶୀତୋଷ୍ଣ
(C) ବିଷୁବ ମଣ୍ଡଳୀୟ
(D) ତୁନ୍ଦ୍ରା

7. The river Budhabalanga has been originated from?

(A) Nilgiri hill
(B) Deomali hill
(C) Gorumahisani hill
(D) Similipal hill

ବୁଢ଼ାବଳଙ୍ଗ ନଦୀର ଉତ୍ପତ୍ତି କେଉଁଠାରୁ ହୋଇଛି ?

(A) ନିଳଗିରି ପର୍ବତ
(B) ଦେଓମାଳି ପର୍ବତ
(C) ଗୋରୁମହିଷାଣୀ ପର୍ବତ
(D) ଶିମିଳିପାଳ ପର୍ବତ

8. Clotting of blood vessels is called?

(A) Thrombosis
(B) Rheumatism
(C) Agglutinisation
(D) Fibrosis

ରକ୍ତନଳୀ ଜମାଟ ବାନ୍ଧିବାକୁ କ'ଣ କୁହାଯାଏ ?

(A) ଥ୍ରମ୍ବୋସିସ୍
(B) ରିଉମାଟିଜିମ୍
(C) ଆଗ୍ଲୁଟିନାଇଜେସନ୍
(D) ଫାଇବ୍ରୋସିସ୍

9. "Sindhu Netra" satellite has been successfully launched recently using which PSLV?

(A) PSLV - C 51
(B) PSLV - C 52
(C) PSLV - C 53
(D) PSLV - C 54

"ସିନ୍ଧୁନେତ୍ର" ଉପଗ୍ରହ କେଉଁ ପିଏସ୍ଏଲ୍ଭି ବ୍ୟବହାର କରି ଉତ୍କ୍ଷେପଣ କରାଯାଇଥିଲା ?

(A) ପିଏସ୍ଏଲ୍ଭି - ସି୫୧
(B) ପିଏସ୍ଏଲ୍ଭି - ସି୫୨
(C) ପିଏସ୍ଏଲ୍ଭି - ସି୫୩
(D) ପିଏସ୍ଏଲ୍ଭି - ସି୫୪

**10.** Which type of mosquito, when infected with the virus, is the main cause for spreading Dengue fever?

(A) Culex (B) Aedes

(C) Anopheles (D) Mansonia

କେଉଁ ପ୍ରକାରର ମଶା, ଯେତେବେଳେ ଭୂତାଣୁ ଦ୍ୱାରା ସଂକ୍ରମିତ ହୁଏ, ତାହା ଡେଙ୍ଗୁ ଜ୍ୱର ପ୍ରସାର କରିବାରେ ସହାୟକ ହୋଇଥାଏ ?

(A) କ୍ୟୁଲେକ୍ସ (B) ଏଇଡେସ୍

(C) ଆନୋଫିଲେସ୍ (D) ମନସୋନିଆ

**11.** How many bones are there in an adult human body ?

(A) 202 (B) 204

(C) 206 (D) 208

ଜଣେ ବୟସ୍କ ମଣିଷ ଶରୀରରେ କେତେଗୋଟି ହାଡ ଥାଏ ?

(A) ୨୦୨ (B) ୨୦୪

(C) ୨୦୬ (D) ୨୦୮

**12.** Light year is a unit of measurement of ______?

(A) Speed of light (B) Stellar distance

(C) Speed of rockets (D) Speed of aeroplanes

ଆଲୋକ ବର୍ଷ କାହାର ଏକକ ମାପ ପାଇଁ ଉଦ୍ଦିଷ୍ଟ ?

(A) ଆଲୋକର ବେଗ (B) ନକ୍ଷେତ୍ରିକ ଦୂରତା

(C) ରକେଟ୍‌ର ବେଗ (D) ଉଡାଜାହାଜର ବେଗ

**13.** Which of the following vitamins is considered helpful to keep eyes healthy?

(A) Vitamin C (B) Vitamin B

(C) Vitamin A (D) Vitamin D

ନିମ୍ନଲିଖିତ ଭିଟାମିନ୍ ମଧ୍ୟରୁ କେଉଁଟି ଆଖିକୁ ସୁସ୍ଥ ରଖିବାରେ ସାହାଯ୍ୟ କରେ ?

(A) ଭିଟାମିନ୍ "ସି" (B) ଭିଟାମିନ୍ "ବି"

(C) ଭିଟାମିନ୍ "ଏ" (D) ଭିଟାମିନ୍ "ଡି"

**14.** Which of the following is not the ancient name of Odisha?

(A) Kalinga (B) Utkal

(C) Odra Desha (D) Koshal

ନିମ୍ନଲିଖିତ ମଧ୍ୟରୁ କେଉଁଟି ଓଡ଼ିଶାର ପୁରାତନ ନାମ ନୁହେଁ ?

(A) କଳିଙ୍ଗ (B) ଉତ୍କଳ

(C) ଓଡ୍ରଦେଶ (D) କୋଶଳ

**15.** The first Satellite was launched by which country?

(A) Japan
(B) U.S.S.R.
(C) U.S.A.
(D) Germany

ପ୍ରଥମ ଉପଗ୍ରହ କେଉଁ ଦେଶ ଦ୍ୱାରା ଉତକ୍ଷେପଣ କରାଯାଇଥିଲା?

(A) ଜାପାନ୍
(B) ସୋଭିଏତ୍ ରୁଷ୍
(C) ଯୁକ୍ତରାଷ୍ଟ୍ର ଆମେରିକା
(D) ଜର୍ମାନୀ

**16.** The first nuclear reactor of India is?

(A) Dhruva
(B) Harsha
(C) Apsara
(D) Vipul

ଭାରତର ପ୍ରଥମ ପାରମାଣବିକ ରିଆକ୍ଟରର ନାମ କଣ ?

(A) ଧ୍ରୁବ
(B) ହର୍ଷ
(C) ଅପ୍‌ସରା
(D) ଭିପୁଲ୍

**17.** Bleaching powder is made from?

(A) Sulphur dioxide and gypsum
(B) Chlorine and charcoal
(C) Soda ash and lime
(D) Lime and chlorine

ବ୍ଲିଚିଙ୍ଗ୍ ପାଉଡର କେଉଁଥିରୁ ପ୍ରସ୍ତୁତ ?

(A) ସଲ୍‌ଫର ଡାଇଅକ୍ସାଇଡ୍ ଓ ଜିପ୍‌ସମ୍
(B) କ୍ଲୋରିନ୍ ଓ ଚାର୍‌କୋଲ୍
(C) ସୋଡା ଆଶ୍ ଏବଂ ଲାଇମ୍
(D) ଲାଇମ୍ ଓ କ୍ଲୋରିନ୍

**18.** Among the various allotropes of carbon which of the following is correct?

(A) Diamond is the hardest, charcoal is the softest
(B) Diamond is the hardest, lamp black is the softest
(C) Charcoal is the hardest, graphite is the softest
(D) Diamond is the hardest, graphite is the softest.

ଅଙ୍ଗାରର ବିଭିନ୍ନ ରୂପ ମଧ୍ୟରୁ କେଉଁଟା ଠିକ୍ ଅଟେ ?

(A) ହୀରା କଠିନତମ, କାଠ କୋଇଲା ନରମତମ
(B) ହୀରା କଠିନତମ, ଲ୍ୟାମ୍ପକଳା ନରମତମ
(C) କାଠ କୋଇଲା କଠିନତମ, ଗ୍ରାଫାଇଟ୍ ନରମତମ
(D) ହୀରା କଠିନତମ, ଗ୍ରାଫାଇଟ୍ ନରମତମ

**19.** The Sun Temple at Konark is known as ?

(A) Peace Pagoda (B) Black Pagoda

(C) White Pagoda (D) Golden Pagoda

କୋଣାର୍କର ସୂର୍ଯ୍ୟ ମନ୍ଦିରକୁ କ'ଣ କାହାଯାଏ ?

(A) ଶାନ୍ତି ପାଗୋଡା (B) କୃଷ୍ଣ ପାଗୋଡା

(C) ଶ୍ୱେତ ପାଗୋଡା (D) ସ୍ୱର୍ଣ୍ଣ ପାଗୋଡା

**20.** Which of the following disease(s) is/are related to Corona virus?

(A) MERS (B) SARS

(C) Both A and B (D) Neither A and B

ନିମ୍ନଲିଖିତ କେଉଁ ରୋଗ Corona ଭୂତାଣୁ ସମ୍ବନ୍ଧୀୟ ?

(A) MERS (B) SARS

(C) ଉଭୟ A ଓ B (D) A କିମ୍ବା B ନୁହେଁ

**21.** Which virus is responsible for Covid-19?

(A) SARS – Cov - 2 (B) SARS – Cov - 1

(C) NL63 (D) MERS - Cov

Covid-19 ରୋଗ ପାଇଁ କେଉଁ ଭୂତାଣୁ ଦାୟୀ ?

(A) SARS-Cov-2 (B) SARS-COV-1

(C) NL-63 (D) MERS-Cov

**22.** Who among the following persons is known as 'Kabi Chandra' ?

(A) Upendrabhanja (B) Kali Charan Pattanik

(C) Nanda Kishor Bala (D) Radhanath Ray

ନିମ୍ନଲିଖିତ ବ୍ୟକ୍ତିଙ୍କ ମଧ୍ୟରୁ କାହାକୁ "କବିଚନ୍ଦ୍ର" କୁହାଯାଏ ?

(A) ଉପେନ୍ଦ୍ର ଭଞ୍ଜ (B) କାଳୀଚରଣ ପଟ୍ଟନାୟକ

(C) ନନ୍ଦ କିଶୋର ବଳ (D) ରାଧାନାଥ ରାୟ

**23.** Who was honoured with 'Bharat Ratna' in the year 2019?

(A) Bhimsen Joshi (B) Madan Mohan Malviya

(C) Pranab Mukherjee (D) Atal Bihari Vajpayee

ବର୍ଷ ୨୦ ୧୯ ରେ କିଏ "ଭାରତରତ୍ନ"ଦ୍ୱାରା ସମ୍ମାନିତ ହୋଇଥିଲେ ?

(A) ଭୀମସେନ୍ ଯୋଶୀ (B) ମଦନମୋହନ ମାଲଭୀୟ

(C) ପ୍ରଣବ ମୁଖାର୍ଜୀ (D) ଅଟଳ ବିହାରୀ ବାଜପେୟୀ

Adda247

**24.** The ‘Lalit Kala Akademi’ is dedicated for promotion of which of the following?

(A) Dance and Drama (B) Fine Arts

(C) Literature (D) Music

‘ଲଳିତ କଳା ଏକାଡେମୀ’ ନିମ୍ନଲିଖିତ ବିଷୟ ମଧ୍ୟରୁ କାହାର ପ୍ରସାର ପାଇଁ ଉଦ୍ଦିଷ୍ଟ ?

(A) ଡାନ୍ସ୍ ଓ ଡ୍ରାମା (B) ଫାଇନ୍ ଆର୍ଟସ୍

(C) ଲିଟରେଚର୍ (D) ମ୍ୟୁଜିକ୍

**25.** ‘Madhubani’ style of folk painting is the popular painting of which Indian state?

(A) Madhya Pradesh (B) Uttar Pradesh

(C) Bihar (D) Rajasthan

“ମଧୁବନୀ” ଲୋକ ଚିତ୍ରକଳା ଭାରତର କେଉଁ ରାଜ୍ୟର ଲୋକପ୍ରିୟ ଚିତ୍ରକଳା ଅଟେ ?

(A) ମଧ୍ୟପ୍ରଦେଶ (B) ଉତ୍ତର ପ୍ରଦେଶ

(C) ବିହାର (D) ରାଜସ୍ଥାନ

**26.** Next to Hindi, which language is spoken by the maximum number of people in India?

(A) Tamil (B) Bengali

(C) Telugu (D) Urdu

ହିନ୍ଦି ପରେ କେଉଁ ଭାଷାକୁ ଭାରତର ସର୍ବାଧିକ ଲୋକ ବ୍ୟବହାର କରିଥାନ୍ତି ?

(A) ତାମିଲ୍ (B) ବଙ୍ଗଳା

(C) ତେଲୁଗୁ (D) ଉର୍ଦ୍ଦୁ

**27.** Who is the poet of famous song “Bande Utkal Janani”?

(A) Fakir Mohan Senapati

(B) Laxmi Kanta Mohapatra

(C) Radhakanta Ray

(D) Gopabandhu Dash

“ବନ୍ଦେ ଉତ୍କଳ ଜନନୀ” ସଙ୍ଗୀତର ରଚୟିତା କିଏ ?

(A) ଫକୀର ମୋହନ ସେନାପତି

(B) ଲକ୍ଷ୍ମୀକାନ୍ତ ମହାପାତ୍ର

(C) ରାଧାନାଥ ରାୟ

(D) ଗୋପବନ୍ଧୁ ଦାଶ



Adda247 ଓଡ଼ିଆ

**28.** Who is the author of the book "My Journey : Transforming dreams into actions"?

(A) Dr. Manmohan Singh
(B) Jairam Ramesh
(C) Dr. APJ Abdul Kalam
(D) Malala Yousafzai

ପୁସ୍ତକ "ମାଇଁ ଜର୍ଣ୍ଣି : ଟ୍ରାନସ୍‌ଫର୍ମିଙ୍ଗ ଡ୍ରିମ୍‌ସ ଇନଟୁ ଆକ୍ସନସ୍"ର ଲେଖକ କିଏ ?

(A) ଡଃ ମନମୋହନ ସିଂ
(B) ଜୟରାମ ରମେଶ
(C) ଡଃ ଏ.ପି.ଜେ ଅବଦୁଲ୍ କାଲାମ
(D) ମଲାଲା ୟୁସୁଫଜାଇ

**29.** How is the eminent person 'Tenzin Gyatso' popularly known as?

(A) Panchen Lama
(B) Nagarjuna
(C) Dalai Lama
(D) Rimpoche

ବିଶିଷ୍ଟ ବ୍ୟକ୍ତି "ଟେନ୍‌ଜିଙ୍ଗ୍ ଗେଷ୍ଟୋ" କେଉଁ ନାମରେ ସୁପରିଚିତ ?

(A) ପାଞ୍ଚେନ୍ ଲାମା
(B) ନାଗାର୍ଜୁନ
(C) ଦଲାଇ ଲାମା
(D) ରିମ୍‌ପୋଚେ

**30.** Who is the winner of Wimbledon Tennis Boys'Singles Junior Championship 2021?

(A) S. Gueymard Wayenburg
(B) Samir Banerjee
(C) Victor Lilov
(D) Juneheng Shang

"ଉଇମ୍ବେଲ୍‌ଡନ୍ ଟେନିସ୍ ବାଳକ ଏକକ ଜୁନିଅର୍ ଚାଂପିଆନ୍‌ସିପ୍" ୨୦୨୧ ର ବିଜେତା କିଏ ?

(A) ଏସ୍ ଗୁଇମର୍ଦ୍ଦ ୱୟେନ୍‌ବର୍ଗ
(B) ସମୀର ବାନାର୍ଜୀ
(C) ଭିକ୍‌ଟର ଲିଲୋଭ୍
(D) ଜୁନ୍‌ହେଙ୍ଗ୍ ଶାଙ୍ଗ୍

**31.** Which of the following is the largest sweet water lake in Odisha?

(A) Ansupa
(B) Chilika
(C) Pata
(D) Kanjia

ନିମ୍ନଲିଖିତ ମଧ୍ୟରୁ କେଉଁଟି ଓଡ଼ିଶାର ବୃହତ୍ତମ ମଧୁର ଜଳ ହ୍ରଦ ଅଟେ ?

(A) ଅଂଶୁପା
(B) ଚିଲିକା
(C) ପାଟ
(D) କାଞ୍ଜିଆ

**32.** In which year did India win the first Gold medal in Hockey at Olympic Games before Independence?

(A) 1910 (B) 1920

(C) 1928 (D) 1945

ସ୍ୱାଧିନତା ପୂର୍ବରୁ ହକି ଖେଳରେ ଭାରତ କେଉଁ ବର୍ଷ ଅଲିମ୍ପିକ୍‌ରେ ପ୍ରଥମ ସ୍ୱର୍ଣ୍ଣପଦକ ଜିତିଥିଲା ?

(A) ୧୯୧୦ (B) ୧୯୨୦

(C) ୧୯୨୮ (D) ୧୯୪୫

**33.** In which district of Odisha is the Central Rice Research Institute situated ?

(A) Khordha (B) Cuttack

(C) Sambalpur (D) Koraput

ଓଡିଶାର କେଉଁ ଜିଲ୍ଲାରେ "କେନ୍ଦ୍ରୀୟ ଧାନ ଗବେଷଣା ଅନୁଷ୍ଠାନ" ଅବସ୍ଥିତ ?

(A) ଖୋର୍ଦ୍ଧା (B) କଟକ

(C) ସମ୍ବଲପୁର (D) କୋରାପୁଟ

**34.** In acronym SAARC, what does 'C' stand for?

(A) Committee (B) Common Wealth

(C) Conference (D) Cooperation

ସଂକ୍ଷିପ୍ତ ଶବ୍ଦ "SAARC" 'C' କାହା ପାଇଁ ଉଦ୍ଦିଷ୍ଟ ?

(A) କମିଟି (B) କମନ୍‌ୱେଲ୍‌ଥ

(C) କନ୍‌ଫରେନ୍‌ସ୍ (D) କୋପରେସନ୍

**35.** Which of the following is the headquarters of World Trade Organization (WTO)?

(A) Paris (B) New York

(C) Geneva (D) Madrid

ବିଶ୍ୱ ବାଣିଜ୍ୟ ସଂସ୍ଥା (WTO) ର ମୁଖ୍ୟ କାର୍ଯ୍ୟାଳୟ କେଉଁଠାରେ ଅବସ୍ଥିତ ?

(A) ପ୍ୟାରିସ୍ (B) ନିୟୁୟର୍କ୍

(C) ଜେନେଭା (D) ମାଡ୍ରିଦ୍

**36.** How many members from Odisha are elected to Lok Sabha ?

(A) 14 (B) 15

(C) 18 (D) 21

ଓଡ଼ିଶାରୁ କେତେ ଜଣ ସଭ୍ୟ ଲୋକସଭାକୁ ନିର୍ବାଚିତ ହୁଅନ୍ତି ?

(A) ୧୪ (B) ୧୫

(C) ୧୮ (D) ୨୧

Adda247 ଓଡ଼ିଆ

37. Which of the following countries is not a member of United Nations (UNO)?

(A) South Africa (B) Palestine

(C) Israel (D) Cuba

ନିମ୍ନଲିଖିତ ମଧ୍ୟରୁ କେଉଁ ଦେଶ ଜାତିସଂଘର ସଭ୍ୟ ନୁହନ୍ତି ?

(A) ଦକ୍ଷିଣ ଆଫ୍ରିକା (B) ପାଲେଷ୍ଟାଇନ୍

(C) ଇସ୍ରାଏଲ୍ (D) କ୍ୟୁବା

38. What is 'Wall Street'?

(A) Stock exchange of Calcutta (B) Stock exchange of New York

(C) An Indian Township in Britain (D) None of these

"ୱାଲ୍ ଷ୍ଟ୍ରିଟ୍" କ'ଣ ?

(A) କଲିକତାର ଷ୍ଟକ୍ ଏକ୍ସଚେଞ୍ଜ୍ (B) ନିୟୁୟର୍କର ଷ୍ଟକ୍ ଏକ୍ସଚେଞ୍ଜ

(C) ବ୍ରିଟେନ୍‌ରେ ଭାରତର ସହରାଞ୍ଚଳ (D) କେଉଁଟି ନୁହେଁ

39. 'United Nations' (UNO) celebrates 'International Day of Yoga' globally on which date?

(A) March 08 (B) May 08

(C) June 05 (D) June 21

ଜାତିସଂଘ ଦ୍ୱାରା ସମଗ୍ର ବିଶ୍ୱରେ "ଆନ୍ତର୍ଜାତୀୟ ଯୋଗ ଦିବସ" କେଉଁ ତାରିଖରେ ପାଳନ କରାଯାଏ ?

(A) ମାର୍ଚ୍ଚ ୮ (B) ମେ ୮

(C) ଜୁନ୍ ୫ (D) ଜୁନ୍ ୨୧

40. Which of the following districts of Odisha has topped in production of Turmeric?

(A) Ganjam (B) Mayurbhanj

(C) Kandhamal (D) Sundergarh

ଓଡ଼ିଶାର କେଉଁ ଜିଲ୍ଲା ହଳଦୀ ଉତ୍ପାଦନରେ ପ୍ରଥମ ଅଟେ ?

(A) ଗଞ୍ଜାମ (B) ମୟୂରଭଞ୍ଜ

(C) କନ୍ଧମାଳ (D) ସୁନ୍ଦରଗଡ଼

41. Who was the Viceroy of India when Muslim League called for the "Direct Action Day"?

(A) Lord Ripon (B) Lord Minto II

(C) Lord Linlithgo (D) Lord Wavell

ମୁସ୍‌ଲିମ୍ ଲିଗ୍ ଦ୍ୱାରା ଆହ୍ୱାନ କରାଯାଇଥିବା "Direct Action Day" ସମୟରେ ଭାରତର ଭାଇସ୍‌ରୟ କିଏ ଥିଲେ ?

(A) ଲର୍ଡ ରିପନ୍ (B) ଲର୍ଡ ମିଣ୍ଟୋ II

(C) ଲର୍ଡ ଲିନ୍‌ଲିଥ୍‌ଗୋ (D) ଲର୍ଡ ୱେଭେଲ୍

**42.** Who was the first Governor General of India?

(A) Lord Minto
(B) Lord William Bentick
(C) Warren Hastings
(D) M. Cornwallis

ଭାରତର ପ୍ରଥମ ଗଭର୍ଣ୍ଣର ଜେନେରାଲ୍ କିଏ ଥିଲେ ?

(A) ଲର୍ଡ ମିଣ୍ଟୋ
(B) ଲର୍ଡ ଉଇଲିୟମ୍ ବେଣ୍ଟିକ୍
(C) ୱାରେନ୍ ହେଷ୍ଟିଙ୍ଗସ
(D) ଏମ୍ କର୍ଣ୍ଣୱାଲିସ୍

**43.** What were the names of Ashoka's mother, wife and daughter?

(A) Mahadevi, Subhadrangi, Sanghmitra
(B) Subhadrangi, Mahadevi, Sanghmitra
(C) Mahadevi, Sanghmitra, Subhadrangi
(D) Subhadrangi, Sanghmitra, Mahadevi

ଅଶୋକଙ୍କର ମା, ସ୍ତ୍ରୀ ଓ ଝିଅଙ୍କର ନାମ କଣ ଥିଲା ?

(A) ମହାଦେବୀ, ଶୁଭଦ୍ରାଙ୍ଗୀ, ସଂଘମିତ୍ରା
(B) ଶୁଭଦ୍ରାଙ୍ଗୀ, ମହାଦେବୀ, ସଂଘମିତ୍ରା
(C) ମହାଦେବୀ, ସଂଘମିତ୍ରା ଶୁଭଦ୍ରାଙ୍ଗୀ,
(D) ଶୁଭଦ୍ରାଙ୍ଗୀ, ସଂଘମିତ୍ରା, ମହାଦେବୀ

**44.** Initially, Queen Elizabeth I approved the charter to the East India Company for how many years?

(A) 5 years
(B) 7 years
(C) 10 years
(D) 15 years

ରାଣୀ ଏଲିଜାବେଥ୍ ପ୍ରଥମ ଇଷ୍ଟ ଇଣ୍ଡିଆ କଂପାନୀ ପାଇଁ ପ୍ରାଥମିକ ପର୍ଯ୍ୟାୟରେ କେତେ ବର୍ଷ ପାଇଁ ସନଦ ଅନୁମୋଦନ କରିଥିଲେ ?

(A) ୫ ବର୍ଷ
(B) ୭ ବର୍ଷ
(C) ୧୦ ବର୍ଷ
(D) ୧୫ ବର୍ଷ

**45.** 'Panchatantra' was written by whom?

(A) Kalidasa
(B) Vishnu Sharma
(C) Tulsidas
(D) Banabhatta

"ପଞ୍ଚତନ୍ତ୍ର" କିଏ ଲେଖିଥିଲେ ?

(A) କାଳିଦାସ
(B) ବିଷ୍ଣୁଶର୍ମା
(C) ତୁଳସୀଦାସ
(D) ବାଣଭଟ୍ଟ



Adda247 ଓଡ଼ିଆ

46. Mohenjo-daro is also known as?

(A) Mound of the great
(B) Mound of the survivors
(C) Mound of the living
(D) Mound of the dead

"ମହେଞ୍ଜୋଦାରୋ" ର ଅନ୍ୟନାମ କଣ ?

(A) ମାଉଣ୍ଡ୍ ଅଫ୍ ଦି ଗ୍ରେଟ୍
(B) ମାଉଣ୍ଡ୍ ଅଫ୍ ଦି ସର୍ଭାଇଭରସ୍
(C) ମାଉଣ୍ଡ୍ ଅଫ୍ ଦି ଲିଭିଙ୍ଗ୍
(D) ମାଉଣ୍ଡ୍ ଅଫ୍ ଦି ଡେଡ୍

47. The infamous Jallianwala Bagh massacre happened on which festival day?

(A) Holi
(B) Baisakhi
(C) Raksha Bandhan
(D) Lohri

ଜାଲିଆନ୍‌ୱାଲା ବାଗ୍‌ର ନାରକୀୟ ନରସଂହାର କେଉଁ ପର୍ବ ଦିନ ହୋଇଥିଲା ?

(A) ହୋଲି
(B) ବୈଶାଖି
(C) ରକ୍ଷାବନ୍ଧନ
(D) ଲୋହରି

48. Which among the following dynasty was ruling over Magadha when Alexander invaded India?

(A) Shisunagas
(B) Nandas
(C) Mauryas
(D) Kosalas

ଆଲେକ୍‌ଜାଣ୍ଡରଙ୍କ ଭାରତ ଆକ୍ରମଣ ସମୟରେ ନିମ୍ନଲିଖିତ ମଧ୍ୟରୁ କେଉଁ ରାଜବଂଶ ମଗଧକୁ ଶାସନ କରୁଥିଲେ ?

(A) ଶିଶୁନାଗ
(B) ନନ୍ଦ
(C) ମୌର୍ଯ୍ୟ
(D) କୋଶଳ

49. The lengthiest classical epic of India is?

(A) Bhagawad Gita
(B) Ramayana
(C) Gita Govinda
(D) Mahabharata

ଭାରତର ସର୍ବବୃହତ୍ ପୌରାଣିକ ଗ୍ରନ୍ଥ କେଉଁଟି ?

(A) ଭଗବତ ଗୀତା
(B) ରାମାୟଣ
(C) ଗୀତ ଗୋବିନ୍ଦ
(D) ମହାଭାରତ

50. Odissi dancers in Jagannath Temple are called as?

(A) Mahari
(B) Pala
(C) Gotipua
(D) Patua

ଜଗନ୍ନାଥ ମନ୍ଦିରର ଓଡିଶୀ ନର୍ତ୍ତକୀଙ୍କୁ କଣ କୁହାଯାଏ ?

(A) ମାହାରୀ
(B) ପାଲ
(C) ଗୋଟିପୁଅ
(D) ପଟୁଆ

## PART-B

## MATHEMATICS : 100 Marks

*Instructions : Each question under this section carries TWO marks. Please read the questions carefully and answer them by selecting the correct answer out of the multiple answers given below each as A, B, C and D.*

***There shall be negative marking @ 0.5 mark per question for wrong/multiple answers.***

**51.** If a number is increased by 25% and then decreased by 25%, find out thepercentage of increase/decrease of final value of the number.

(A) Increase by $6\frac{1}{4}$%
(B) Decrease by $6\frac{1}{4}$%
(C) Increase by $93\frac{3}{4}$%
(D) Decrease by $93\frac{3}{4}$%

ଯଦି ଗୋଟିଏ ସଂଖ୍ୟା ଶତକଡା 25 ବୃଦ୍ଧିପାଏ ଏବଂ ତାପରେ ଶତକଡା 25 ହ୍ରାସ ପାଏ, ତେବେ ସଂଖ୍ୟାଟିର ଚୂଡାନ୍ତ ମୂଲ୍ୟ ଶତକଡ କେତେ ବୃଦ୍ଧି ବା ହ୍ରାସ ହେବ ?

(A) $6\frac{1}{4}$% ବୃଦ୍ଧି
(B) $6\frac{1}{4}$% ହ୍ରାସ
(C) $93\frac{3}{4}$% ବୃଦ୍ଧି
(D) $93\frac{3}{4}$% ହ୍ରାସ

**52.** A person's present age is three-fifth of the age of his mother. After 8 years, he will be two-third of the age of his mother. How old is mother at present?

ଜଣେ ବ୍ୟକ୍ତିର ବର୍ତ୍ତମାନ ବୟସ ତାଙ୍କ ମାଆଙ୍କ ବୟସର ତିନି-ପଞ୍ଚମାଂଶ । 8 ବର୍ଷ ପରେ ତାଙ୍କର ବୟସ ତାଙ୍କ ମାଆଙ୍କ ବୟସର ଦୁଇ-ତୃତୀୟାଂଶ ହେବ । ବର୍ତ୍ତମାନ ତାଙ୍କ ମାଆଙ୍କର ବୟସ କେତେ ?

(A) 36 years
(B) 38 years
(C) 40 years
(D) 42 years

**53.** Find the greatest 3-digit number which when divided by 5, 6 and 7 leaves a remainder of 3 in each case.

କେଉଁ ତିନିଅଙ୍କ ବିଶିଷ୍ଟ ବୃହତ୍ତମ ସଂଖ୍ୟାକୁ 5, 6 ଏବଂ 7 ଦ୍ୱାରା ଭାଗ କଲେ ଭାଗଶେଷ ପ୍ରତ୍ୟେକ କ୍ଷେତ୍ରରେ 3 ହେବ?

(A) 999
(B) 943
(C) 843
(D) 840

**54.** A train running at the speed of 60km/hr crosses a single pole in 12 seconds. Find the length of the train.

ଗୋଟିଏ ଟ୍ରେନ୍ ଘଣ୍ଟା ପ୍ରତି 60 କି.ମି. ବେଗରେ ଗତି କରୁଥିବା ସମୟରେ ଏକ ଖୁଣ୍ଟକୁ 12 ସେକେଣ୍ଡରେ ଅତିକ୍ରମ କଲା । ତେବେ ଟ୍ରେନ୍‌ର ଦୈର୍ଘ୍ୟ କେତେ?

(A) 80m
(B) 100m
(C) 120m
(D) 200m

55. A shopkeeper sells two articles at Rs. 600 each, making a profit of 20% on the first article and a loss of 20% on the second article. Find the net profit/loss that he makes.

(A) 4% Loss (B) 2% Loss

(C) 1% Profit (D) No profit or Loss

ଜଣେ ଦୋକାନୀ ଦୁଇଟି ଦ୍ରବ୍ୟକୁ ପ୍ରତ୍ୟେକ 600 ଟଙ୍କାରେ ବିକ୍ରି କରି ପ୍ରଥମ ଦ୍ରବ୍ୟରେ ଶତକଡା 20 ଲାଭ ଓ ଦ୍ୱିତୀୟ ଦ୍ରବ୍ୟରେ ଶତକଡା 20 କ୍ଷତି କରନ୍ତି । ତେବେ ସେ ବାସ୍ତବିକ କେତେ ଲାଭ କିମ୍ବା କ୍ଷତି କରନ୍ତି ?

(A) 4% କ୍ଷତି (B) 2% କ୍ଷତି

(C) 1% ଲାଭ (D) ଲାଭ ବା କ୍ଷତି ନାହିଁ

56. The salary of X, Y and Z are in the ratio 5 : 3 : 1. The salary of X and Y together is Rs 7200. By what percent is salary of X more than that of Z ?

X, Y ଓ Z ର ଦରମାର ଅନୁପାତ 5 :3 :1। X ଓ Y ର ଏକତ୍ର ଭାବେ ଦରମା 7200 ଟଙ୍କା । X ର ଦରମା Z ର ଦରମାଠାରୁ ଶତକଡା କେତେ ଅଧିକ ?

(A) 100% (B) 200%

(C) 300% (D) 400%

57. A sum of money amounts to Rs. 7200 after 6 years and Rs. 9900 after 9 years at the same rate of simple interest. Find out the rate of interest.

ଏକ ମୂଳଧନ ସମାନ ସରଳସୁଧ ହାରରେ 6 ବର୍ଷରେ 7200 ଟଙ୍କା ଏବଂ 9 ବର୍ଷରେ 9900 ଟଙ୍କା ହୁଏ । ତେବେ ବାର୍ଷିକ ସୁଧର ହାର କେତେ ?

(A) 30% (B) 40%

(C) 50% (D) 60%

58. If $5^{x-y} = 125$, $2^{x+y} = 128$, then find the value of $x^2 - y^2$ ?

ଯଦି $5^{x-y} = 125$, $2^{x+y} = 128$, ତେବେ $x^2 - y^2$ ର ମୂଲ୍ୟ କେତେ ?

(A) 35 (B) 21 (C) 7 (D) 0

59. Determine the value of 'a' when $\sqrt[3]{5^a} = 25$

ଯଦି $\sqrt[3]{5^a} = 25$ ହୁଏ, ତେବେ 'a' ର ମୂଲ୍ୟ କେତେ ?

(A) 3 (B) 6 (C) 9 (D) 12

60. A person takes 30 minutes more to cover a certain distance by decreasing his speed by 40%. What is the time taken to cover the distance at his original speed?

ଜଣେ ବ୍ୟକ୍ତି ଏକ ନିର୍ଦ୍ଦିଷ୍ଟ ଦୂରତାକୁ ଅତିକ୍ରମ କରିବା ପାଇଁ ସେ ତାଙ୍କର ବେଗ ଶତକଡା 40 କମାଇଲେ 30 ମିନିଟ୍ ଅଧିକ ନିଅନ୍ତି । ତେବେ ସେ ଯଦି ମୂଳ ବେଗରେ ଗତି କରନ୍ତି, ତେବେ ସେହି ଦୂରତାକୁ ଅତିକ୍ରମ କରିବା ପାଇଁ କେତେ ସମୟ ଲାଗିବ?

(A) $\frac{1}{2}$ hr (B) $\frac{3}{4}$ hr (C) 1 hr (D) $1\frac{1}{2}$ hrs

**61.** 20 men and 25 women together can complete a work in 5 days. It takes 150 days for one man alone to complete the work. How many days will be required for one woman to complete the same work?

20 ଜଣ ପୁରୁଷ ଓ 25 ଜଣ ସ୍ତ୍ରୀ ଗୋଟିଏ କାର୍ଯ୍ୟକୁ 5 ଦିନରେ ଶେଷ କରନ୍ତି । ଜଣେ ପୁରୁଷକୁ ଏକାକୀ ସମାନ କାର୍ଯ୍ୟ ଶେଷ କରିବାକୁ 150 ଦିନ ଲାଗେ । ତେବେ ଜଣେ ସ୍ତ୍ରୀକୁ ଏକାକୀ ସମାନ କାର୍ଯ୍ୟ ଶେଷ କରିବାକୁ କେତେ ଦିନ ଲାଗିବ ?

(A) 300 (B) 325
(C) 350 (D) 375

**62.** A rectangular block, having length, breadth and height 16cm, 12cm and 8cm respectively, is cut into an exact number of equal cubes. Find the least possible number of cubes.

ଗୋଟିଏ ଆୟତକାର ପଦାର୍ଥ, ଯାହାର ଦୈର୍ଘ୍ୟ, ପ୍ରସ୍ଥ ଓ ଉଚ୍ଚତା ଯଥାକ୍ରମେ 16 ସେ.ମି., 12 ସେ.ମି. ଓ 8 ସେ.ମି. କୁ କଟାଯାଇ ଠିକ୍ ସମାନ ସଂଖ୍ୟାର ସମଘନରେ ପରିଣତ କରାଯାଏ । ତେବେ ସର୍ବନିମ୍ନ ସମଘନର ସଂଖ୍ୟା କେତେ ?

(A) 18 (B) 24 (C) 30 (D) 36

**63.** If $x > y$, $x + y = 36$ and $\frac{1}{x} + \frac{1}{y} = \frac{1}{8}$, then find out the value of $x$ and $y$ ?

ଯଦି $x > y$, $x + y = 36$ and $\frac{1}{x} + \frac{1}{y} = \frac{1}{8}$, ତେବେ $x$ ଓ $y$ ର ମୂଲ୍ୟ କେତେ ?

(A) 27, 9 (B) 24, 12
(C) 18, 18 (D) 36, 0

**64.** If 15 men working for 8 hours a day can plough a field in 36 days, in how many days will 9 men working for 12 hours a day can plough the same field ?

ଯଦି 15 ଜଣ ପୁରୁଷ ଦିନକୁ 8 ଘଣ୍ଟା ଲେଖାଏଁ କାମ କରି ଏକ ଜମିକୁ 36 ଦିନରେ ଚାଷ କରିପାରନ୍ତି ; ତେବେ 9 ଜଣ ପୁରୁଷ ଦିନକୁ 12 ଘଣ୍ଟା ଲେଖାଏଁ କାମ କଲେ ସେହି ଜମିକୁ କେତେ ଦିନରେ ଚାଷ କରିପାରିବେ ?

(A) 32 (B) 36 (C) 40 (D) 45

**65.** If the external and internal circumference of a circular road is 396m and 352m respectively, then what is the width of the road? ($\pi = \frac{22}{7}$)

ଯଦି ଗୋଟିଏ ବୃତ୍ତାକାର ରାସ୍ତାର ବାହାର ଓ ଭିତର ପରିଧି ଯଥାକ୍ରମେ 396 ମିଟର ଓ 352 ମିଟର ହୁଏ, ତେବେ ରାସ୍ତାର ପ୍ରସ୍ଥ କେତେ ? ($\pi = \frac{22}{7}$)

(A) 7m (B) 14m (C) 21m (D) 28m

**66.** The volume of a cylinder is $1232m^3$. If the area of curved surface is $176m^2$, then find out the circumference of its base? ($\pi = \frac{22}{7}$)

ଗୋଟିଏ ସିଲିଣ୍ଡରର ଘନଫଳ 1232 ଘ.ମି. । ଯଦି ଏହାର ବକ୍ର ପୃଷ୍ଠତଳର କ୍ଷେତ୍ରଫଳ 176 ବ.ମି. ହୁଏ, ତେବେ ଭୂମିର ପରିଧି କେତେ ? ($\pi = \frac{22}{7}$)

(A) 22m (B) 44m
(C) 88m (D) 196m

**67.** If $0.8\overline{63}$ is converted into a rational number, find out the number?
ଯଦି $0.8\overline{63}$ କୁ ଗୋଟିଏ ପରିମେୟ ସଂଖ୍ୟାରେ ପରିବର୍ତ୍ତନ କରାଯାଏ, ତେବେ ସଂଖ୍ୟାଟି କେତେ ?

(A) $\frac{4}{5}$ (B) $\frac{43}{50}$
(C) $\frac{863}{1000}$ (D) $\frac{19}{22}$

**68.** Find the value of $\left(\frac{4}{9}\right)^{\frac{1}{2}} \times 64^{\frac{2}{3}} \times \left(1\frac{1}{3}\right)^{-1}$ ?

$\left(\frac{4}{9}\right)^{\frac{1}{2}} \times 64^{\frac{2}{3}} \times \left(1\frac{1}{3}\right)^{-1}$ ର ମୂଲ୍ୟ ନିର୍ଣ୍ଣୟ କର?

(A) 4 (B) 8 (C) 16 (D) 32

**69.** $\left(\frac{x}{x+y} + \frac{y}{x-y}\right) \div \left(\frac{x}{x-y} - \frac{y}{x+y}\right) =$ ______ ?

(A) $\frac{1}{4}$ (B) $\frac{1}{2}$
(C) 1 (D) 2

**70.** If $2^{x+2} \times 3^{x-2} = 96$, find the value of $x$.
ଯଦି $2^{x+2} \times 3^{x-2} = 96$ ହୁଏ, $x$ ର ମୂଲ୍ୟ ନିର୍ଣ୍ଣୟ କର ?

(A) 1 (B) 2 (C) 3 (D) 4

**71.** If $x : y = 3 : 4$, then what is the value of $(3x - y) : (x + 2y)$ ?
ଯଦି $x : y = 3 : 4$ ହୁଏ, ତେବେ $(3x - y) : (x + 2y)$ ର ମୂଲ୍ୟ କେତେ ?

(A) 5 : 11 (B) 11 : 5
(C) 16 : 55 (D) 55 : 16

**72.** If the side of an equilateral triangle is decreased by 2cm, its area is decreased by $11\sqrt{3}$ cm$^2$. What is the height of the triangle?
ଯଦି ଗୋଟିଏ ସମବାହୁ ତ୍ରିଭୁଜର ପ୍ରତ୍ୟେକ ବାହୁର ଦୈର୍ଘ୍ୟକୁ 2 ସେ.ମି. କମାଯାଏ, ଏହାର କ୍ଷେତ୍ରଫଳ $11\sqrt{3}$ ବର୍ଗ ସେ.ମି. କମିଯାଏ । ତ୍ରିଭୁଜଟିର ଉଚ୍ଚତା କେତେ ?

(A) $3\sqrt{3}$ cm (B) $4\sqrt{3}$ cm
(C) $5\sqrt{3}$ cm (D) $6\sqrt{3}$ cm

**73.** What is the value of $\frac{Sin^2\theta}{1+\cos\theta} + \frac{Sin^2\theta}{1-\cos\theta}$?
$\frac{Sin^2\theta}{1+Cos\theta} + \frac{Sin^2\theta}{1-Cos\theta}$ ର ମୂଲ୍ୟ କେତେ ?

(A) 0 (B) $\frac{1}{2}$ (C) 1 (D) 2

**74.** Find out the value of $(0.04)^{-2}$.

$(0.04)^{-2}$ ର ମୂଲ୍ୟ ନିର୍ଣ୍ଣୟ କର ?

(A) 625 (B) 2500

(C) 5000 (D) 10,000

**75.** What is the smallest number by which 13122 must be divided to make it a perfect cube?

13122 କୁ କେଉଁ କ୍ଷୁଦ୍ରତମ ସଂଖ୍ୟା ଦ୍ୱାରା ଭାଗ କଲେ ଭାଗଫଳ ଏକ ପୂର୍ଣ୍ଣଘନ ସଂଖ୍ୟା ହେବ ?

(A) 12 (B) 18 (C) 36 (D) 72

**76.** If each angle of a triangle is decreased by $10^0$, the ratio of three resultant angles will be 6 : 4 : 5. Find out the greatest angle of the triangle?

ଗୋଟିଏ ତ୍ରିଭୁଜର ପ୍ରତ୍ୟେକ କୋଣର ପରିମାଣରୁ $10^0$ ଲେଖାଏଁ କମାଇଦେଲେ ପରିଣାମୀ କୋଣମାନଙ୍କର ଅନୁପାତ 6 : 4 : 5 ହୁଏ । ତ୍ରିଭୁଜର ବୃହତ୍ତମ କୋଣର ପରିମାଣ କେତେ?

(A) $50^0$ (B) $60^0$ (C) $70^0$ (D) $80^0$

**77.** A fruit seller purchased 20 kg of apples at Rs 300. Out of total quantity, 2 kg of apples were rotten. At what price per kg he should sell the balance quantity of apples to get a profit of 20%?

ଗୋଟିଏ ଫଳ ଦୋକାନୀ 200 କି.ଗ୍ରା. ସେଓ 300 ଟଙ୍କାରେ କିଣିଲେ । ତନ୍ମଧ୍ୟରୁ 2 କି.ଗ୍ରା. ପଚା ବାହାରିଲା । ଅବଶିଷ୍ଟ ସେଓ କି.ଗ୍ରା. ପ୍ରତି କେତେ ଦରରେ ବିକ୍ରୟ କଲେ ଶତକଡା 20 ଲାଭ ହେବ ?

(A) Rs. 36 (B) Rs. 20

(C) Rs. 18 (D) Rs. 15

**78.** A businessman gives 10% discount on the marked price of a watch. If the cost price of the watch is Rs. 300, then find out the marked price to get a profit of 20%?

ଜଣେ ବ୍ୟବସାୟୀ ଘଣ୍ଟାର ଲିଖିତ ମୂଲ୍ୟ ଉପରେ ଶତକଡା 10 ରିହାତି ଦିଅନ୍ତି । ଘଣ୍ଟାଟିର କ୍ରୟମୂଲ୍ୟ 300 ଟଙ୍କା ହେଲେ ଶତକଡା 20 ଲାଭ ପାଇବା ପାଇଁ ଲିଖିତ ମୂଲ୍ୟ କେତେ ହେବ ?

(A) Rs. 300 (B) Rs. 360

(C) Rs. 400 (D) Rs. 450

**79.** A person deposited Rs. 9000 in a bank. After 2 years, he withdrew Rs. 4000. At the end of 5 years he got Rs. 7640 from the bank. Find out the rate of simple interest per annum?

ଜଣେ ବ୍ୟକ୍ତି ଏକ ବ୍ୟାଙ୍କରେ 9000 ଟଙ୍କା ଜମା ଦେଲା । 2 ବର୍ଷ ପରେ ସେ 4000 ଟଙ୍କା ଉଠାଇଲା । 5 ବର୍ଷ ଶେଷରେ ସେ ବ୍ୟାଙ୍କରୁ 7640 ଟଙ୍କା ପାଇଲା । ତେବେ ବାର୍ଷିକ ସରଳ ସୁଧର ହାର କେତେ ?

(A) 6% (B) 8%

(C) 10% (D) 12%

**80.** What will be the total compound interest for 9 months on Rs. 5,000 at the rate of 40% per annum if the interest is compounded quarterly?

5000 ଟଙ୍କାରେ ବାର୍ଷିକ ଶତକଡା 40 ଚକ୍ରବୃଦ୍ଧି ସୁଧ ହାରରେ 9 ମାସର ମୋଟ ଚକ୍ରବୃଦ୍ଧି ସୁଧ କେତେ ହେବ, ଯଦି 3 ମାସକୁ ଥରେ ଚକ୍ରବୃଦ୍ଧି ସୁଧ ହିସାବ କରାଯାଏ ?

(A) Rs. 1665 (B) Rs. 1655

(C) Rs. 1645 (D) Rs. 1630

**81.** The length of three rectangles having equal area are 24 cm, 12cm and 8cm. What will be the ratio of their breadth?

ସମାନ କ୍ଷେତ୍ରଫଳ ବିଶିଷ୍ଟ ତିନୋଟି ଆୟତକ୍ଷେତ୍ରର ଲମ୍ବ 24 ସେ.ମି., 12 ସେ.ମି. ଓ 8 ସେ.ମି. । ତେବେ ସେମାନଙ୍କର ପ୍ରସ୍ଥର ଅନୁପାତ କେତେ ହେବ ?

(A) 3 : 2 : 1 (B) 2 : 3 : 1

(C) 2 : 1 : 3 (D) 1 : 2 : 3

**82.** A cube of wood of side 12cm was cut and formed into a largest sphere. Find out the volume of the sphere?

12 ସେ.ମି. ବାହୁ ବିଶିଷ୍ଟ ଗୋଟିଏ ସମଘନାକାର କାଠଖଣ୍ଡଟିକୁ କାଟି ଏକ ବୃହତ୍ତମ ଗୋଲକରେ ପରିଣତ କରାଗଲା । ଗୋଲକର ଘନଫଳ ସ୍ଥିର କର ।

(A) $288\,\pi$ cm$^3$ (B) $864\,\pi$ cm$^3$

(C) $2304\,\pi$ cm$^3$ (D) $6912\,\pi$ cm$^3$

**83.** Asim purchased rice of Rs. 800. He sold $\frac{3}{4}$th out of purchased rice at a profit of 10% and rest part at a loss of 10%. Then find out the percentage of profit or loss in selling of total rice?

(A) 2.5% Loss (B) 5% profit

(C) 7.5% profit (D) 10% Loss

ଅସିମ୍ 800 ଟଙ୍କାରେ ଚାଉଳ କିଣିଲେ । କିଣିଥିବା ଚାଉଳର $\frac{3}{4}$ ଅଂଶକୁ ଶତକଡା 10 ଲାଭରେ ଓ ଅବଶିଷ୍ଟ ଅଂଶକୁ ଶତକଡା 10 କ୍ଷତିରେ ବିକ୍ରି କଲେ । ତେବେ ସମସ୍ତ ଚାଉଳ ବିକ୍ରିରେ ତାଙ୍କର ଶତକଡା କେତେ ଲାଭ ବା କ୍ଷତି ହେଲା ?

(A) 2.5% କ୍ଷତି (B) 5% ଲାଭ

(C) 7.5% ଲାଭ (D) 10% କ୍ଷତି

**84.** A seller marked a price of Rs. 460 on a cycle and sold it giving 25% discount. If he got 15% profit, then find out the cost price of cycle purchased by him?

ଜଣେ ଦୋକାନୀ ଏକ ସାଇକେଲ୍ ଉପରେ 460 ଟଙ୍କା ଦାମ୍ ଲେଖିଥିଲେ ଏବଂ ଶତକଡା 25 ରିହାତି ଦେଇ ବିକ୍ରି କଲେ । ସେଥିରେ ତାଙ୍କର ଶତକଡା 15 ଲାଭ ପାଇଥିଲେ । ସାଇକେଲ୍‌ଟିକୁ ସେ କେତେ ଦାମ୍‌ରେ କିଣିଥିଲେ ?

(A) Rs. 414 (B) Rs. 360

(C) Rs. 300 (D) Rs. 200

**85.** Find out the sum of the sequence of $\frac{1}{5\times6}+\frac{1}{6\times7}+\frac{1}{7\times8}$ …………… up to $16^{th}$ terms?

$\frac{1}{5\times6}+\frac{1}{6\times7}+\frac{1}{7\times8}$ ……………16 ଟି ପଦ ପର୍ଯ୍ୟନ୍ତ ଅନୁକ୍ରମର ଯୋଗଫଳ କେତେ ?

(A) $\frac{16}{105}$ (B) $\frac{20}{21}$

(C) $\frac{4}{5}$ (D) $\frac{21}{22}$

**86.** A finished $\frac{3}{10}$ of a work in 9 days for colouring of a house. A and B together completed rest work in 7 days. If B alone works, how many days he would have taken to complete the entire work?

A ଗୋଟିଏ ଘର ରଙ୍ଗ ଦେବା ପାଇଁ 9 ଦିନରେ $\frac{3}{10}$ ଅଂଶ କାମ ଶେଷ କଲା । A ସହ B ମିଶି ଅବଶିଷ୍ଟ କାମକୁ 7 ଦିନରେ ଶେଷ କଲେ। ତେବେ ଯଦି B ଏକାକୀ କାର୍ଯ୍ୟ କରନ୍ତି, ସେ ସମୁଦାୟ କାର୍ଯ୍ୟକୁ କେତେ ଦିନରେ ଶେଷ କରିପାରିବେ ?

(A) 30 (B) 20

(C) 16 (D) 15

**87.** If $\frac{\sqrt{3}+\sqrt{2}}{\sqrt{3}-\sqrt{8}} = a + b\sqrt{6}$ , then find out the value of a and b ?

ଯଦି $\frac{\sqrt{3}+\sqrt{2}}{\sqrt{3}-\sqrt{8}} = a + b\sqrt{6}$ ହୁଏ, ତେବେ a ଓ b ର ମୂଲ୍ୟ କେତେ ?

(A) $\frac{7}{5}, \frac{3}{5}$ (B) $\frac{7}{5}, \frac{-3}{5}$

(C) $\frac{-7}{5}, \frac{3}{5}$ (D) $\frac{-7}{5}, \frac{-3}{5}$

**88.** A batsman makes a score of 95 runs in the $16^{th}$ innings and thus increases his average by 4 runs. Find his average runs after $16^{th}$ innings?

ଜଣେ ବ୍ୟାଟ୍ସ୍ମ୍ୟାନ୍ ତାଙ୍କର ଷୋଡଶ ପାଳିରେ 95 ରନ୍ କରନ୍ତି ଓ ଏଥିପାଇଁ ତାଙ୍କର ହାରାହାରି ରନ୍ ଆଉ 4 ବୃଦ୍ଧି ହୁଏ । ତେବେ ତାଙ୍କର ଷୋଡଶ ପାଳି ପରେ ହାରାହାରି ରନ୍ କେତେ?

(A) 35 (B) 34

(C) 33 (D) 32

**89.** A boat man can row 5km against the stream in 30 minutes and return in 20 minutes. Find the rate of current?

ଜଣେ ନାଉରୀ ସ୍ରୋତ ପ୍ରତିକୂଳରେ 30 ମିନିଟ୍‌ରେ 5 କି.ମି. ଆହୁଲା ମାରିପାରନ୍ତି ଓ 20 ମିନିଟ୍‌ରେ ଫେରିପାରନ୍ତି । ସ୍ରୋତର ବେଗ କେତେ ?

(A) 2km/hr (B) $2\frac{1}{2}$ km/hr

(C) 5km/hr (D) $7\frac{1}{2}$ km/hr

**90.** Three numbers are in the ratio 4 : 5 : 6 and their LCM is 4500. What is their HCF?

ତିନୋଟି ସଂଖ୍ୟାର ଅନୁପାତ 4 : 5 : 6 ଏବଂ ସେମାନଙ୍କର ଲ.ସା.ଗୁ. 4500। ତେବେ ସେମାନଙ୍କର ଗ.ସା.ଗୁ. କେତେ ?

(A) 45 (B) 60

(C) 75 (D) 90

**91.** A mixture of 200 litres of milk and water contains 10% of water. How much more water should be added so that water becomes 20% of the new mixture?

200 ଲିଟର ଦୁଧ ଓ ପାଣିର ଏକ ମିଶ୍ରଣରେ ଶତକଡା 10 ପାଣି ଅଛି । ଏହି ମିଶ୍ରଣରେ ଆଉ କେତେ ପାଣି ମିଶାଇଲେ ପାଣିର ଅଂଶ ଶତକଡା 20 ହେବ ?

(A) 10 litres (B) 20 litres

(C) 25 litres (D) 40 litres

**92.** A wire can be bent in the form of a circle of radius 28cm. If it is bent in the form of a square, then what will be its area? ($\pi = \frac{22}{7}$)

ଗୋଟିଏ ତାରକୁ 28 ସେ.ମି. ବ୍ୟାସାର୍ଦ୍ଧ ବିଶିଷ୍ଟ ଏକ ବୃତ୍ତ ଆକୃତିରେ ବଙ୍କା କରାଯାଇପାରେ । ଯଦି ଏହି ତାରକୁ ଏକ ବର୍ଗକ୍ଷେତ୍ର ଆକୃତିରେ ବଙ୍କା କରାଯାଏ, ତେବେ ଏହାର କ୍ଷେତ୍ରଫଳ କେତେ ? ($\pi=\frac{22}{7}$)

(A) $1089cm^2$ (B) $1936cm^2$

(C) $3025cm^2$ (D) $4356cm^2$

**93.** The average age of a husband and his wife was 25 years at the time of their marriage. After six years, they have a one year child. What is the average age of the family now?

ଜଣେ ସ୍ୱାମୀ ଓ ସ୍ତ୍ରୀର ସେମାନଙ୍କ ବିବାହ ସମୟରେ ହାରାହାରି ବୟସ 25 ଥିଲା । ଛଅ ବର୍ଷ ପରେ, ସେମାନଙ୍କର ଗୋଟିଏ ଏକ ବର୍ଷର ଶିଶୁ ଅଛି । ବର୍ତ୍ତମାନ ପରିବାରର ହାରାହାରି ବୟସ କେତେ ?

(A) 19 years (B) 21 years

(C) 23 years (D) 25 years

**94.** A boat can move 9km/hr in still water. If the river is running 3km/hr, it takes 90 minutes to move to a place and back. How far is the place?

ଗୋଟିଏ ନୌକା ସ୍ଥିର ଜଳରେ ଘଣ୍ଟା ପ୍ରତି 9 କି.ମି. ବେଗରେ ଗତି କରିପାରେ । ଯଦି ନଦୀର ସ୍ରୋତ ଘଣ୍ଟା ପ୍ରତି 3 କି.ମି. ବେଗରେ ଗତି କରେ, ଏହା ଗୋଟିଏ ସ୍ଥାନକୁ ଗତି କରିବା ଓ ଫେରିବା ପାଇଁ 90 ମିନିଟ୍ ସମୟ ନିଏ । ତେବେ ସ୍ଥାନଟିର ଦୂରତା କେତେ ?

(A) 3 Km (B) 4 Km (C) 6 Km (D) 9 Km

**95.** If the simple interest on a sum of money at 10% per annum for 3 years is Rs. 1500, find the compound interest on the same sum for the same period and the same rate.

ଯଦି କୌଣସି ମୂଳଧନର ଶତକଡା 10 ହାରରେ 3 ବର୍ଷର ସରଳସୁଧ 1500 ଟଙ୍କା ହୁଏ, ତେବେ ସେହି ମୂଳଧନର ସେହି ସମୟ ମଧ୍ୟରେ ସେହି ସୁଧ ହାରରେ ଚକ୍ରବୃଦ୍ଧି ସୁଧ କେତେ ହେବ ?

(A) Rs. 1655 (B) Rs. 1665

(C) Rs. 1675 (D) Rs. 1685

**96.** Hari read 7/15[th] pages of a book in the 1[st] week and 5/12[th] of the remaining pages of that book in the 2[nd] week. If there were 56 pages unread after 2[nd] week, how many pages were in the book?

ହରି ଗୋଟିଏ ବହିର 7/15 ଅଂଶ ପୃଷ୍ଠା ପ୍ରଥମ ସପ୍ତାହରେ ପଢିଲେ ଓ ସେହି ବହିର ଅବଶିଷ୍ଟ ପୃଷ୍ଠାର 5/12 ଅଂଶ ଦ୍ୱିତୀୟ ସପ୍ତାହରେ ପଢିଲେ । ଯଦି ଦ୍ୱିତୀୟ ସପ୍ତାହ ପରେ ଆଉ 56 ପୃଷ୍ଠା ପଢା ହୋଇ ନଥାଏ, ତେବେ ବହିର କେତେ ପୃଷ୍ଠା ଥିଲା ?

(A) 160 (B) 180

(C) 200 (D) 220

**97.** If the sum of two numbers is 42 and the HCF and LCM of these numbers are 6 and 72 respectively, then what is the sum of the reciprocals of the numbers?

ଯଦି ଦୁଇଟି ସଂଖ୍ୟାର ଯୋଗଫଳ 42 ଓ ଏହି ସଂଖ୍ୟାଗୁଡିକର ଗ.ସା.ଗୁ. ଓ ଲ.ସା.ଗୁ. ଯଥାକ୍ରମେ 6 ଓ 72 ହୁଏ, ତେବେ ସଂଖ୍ୟାଗୁଡିକର ବ୍ୟୁତ୍କ୍ରମର ଯୋଗଫଳ କେତେ ?

(A) $\frac{7}{72}$ (B) $\frac{72}{7}$

(C) $\frac{42}{433}$ (D) $\frac{433}{42}$

**98.** From a point on a level ground the angle of elevation to the top of the tower is $60^0$. If the tower is 346m high, what is the distance of the point from the foot of the tower? ($\sqrt{3}$=1.73)

ଗୋଟିଏ ସମତଳରେ ଥିବା ଗୋଟିଏ ବିନ୍ଦୁରୁ ଅଟ୍ଟାଳିକା ଶୀର୍ଷର କୌଣିକ ଉନ୍ନତିର ପରିମାଣ $60^0$ । ଯଦି ଅଟ୍ଟାଳିକାର ଉଚ୍ଚତା 346 ମି. ହୁଏ, ତେବେ ଅଟ୍ଟାଳିକାର ପାଦଦେଶଠାରୁ ବିନ୍ଦୁର ଦୂରତା କେତେ ? ($\sqrt{3}$= 1.73)

(A) $346\sqrt{3}$m (B) 173m

(C) 100m (D) 200m

**99.** If 60% of $\frac{5}{12}$ of a number is 9.5, then find out the number?

ଏକ ସଂଖ୍ୟାର $\frac{5}{12}$ ର ଶତକଡା 60 ଯଦି 9.5 ହୁଏ, ତେବେ ସଂଖ୍ୟାଟି କେତେ ?

(A) 380 (B) 95

(C) 38 (D) 3.8

**100.** A invested 20% more than B. B invested 25% less than C. If the total sum of their investment is Rs. 2650, how much amount did 'B' invest?

A, B ଠାରୁ ଶତକଡା 20 ଅଧିକ ଅର୍ଥ ବିନିଯୋଗ କଲେ । B, C ଅପେକ୍ଷା ଶତକଡା 25 କମ୍ ଅର୍ଥ ବିନିଯୋଗ କଲେ । ଯଦି ସେମାନଙ୍କର ସମୁଦାୟ ଅର୍ଥ ବିନିଯୋଗର ପରିମାଣ 2650 ଟଙ୍କା ହୁଏ, ତେବେ B ର ଅର୍ଥ ବିନିଯୋଗର ପରିମାଣ କେତେ ?

(A) Rs. 750 (B) Rs. 900

(C) Rs. 1000 (D) Rs. 1340

Space for Rough Work

Adda247 ଓଡ଼ିଆ

SEAL

Adda247
ଓଡ଼ିଆ